**The Nakshtra Jyoti**
**Date: 23.09.2018**

## ଆଇଆଇଟି ଭୁବନେଶ୍ୱରର ୭ମ ସମାବର୍ତ୍ତନ ଉତ୍ସବ

# ୩ ଜଣଙ୍କୁ ସ୍ୱର୍ଣ୍ଣ ଏବଂ ୧୫ ଜଣଙ୍କୁ ରୌପ୍ୟ ପଦକ



କଟଣା, (ନ.ବ୍ୟୁ): କଟଣା ଅରୁଗୁଳସ୍ଥ ଭୁବନେଶ୍ୱର ଆଇଆଇଟିର ୭ମ ସମାବର୍ତ୍ତନ ଉତ୍ସବ ମହାସମାରୋହର ସହିତ ସଂସ୍ଥାର ଗୋଷ୍ଠି କେନ୍ଦ୍ର ପରିସରରେ ଆୟୋଜିତ ହୋଇଯାଇଛି । ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷରେ ଆୟୋଜିତ ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥିଭାବେ ସେକ୍ରେଟାରୀ ଡିପାର୍ଟମେଂଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଭାରତ ସରକାର ପ୍ରଫେସର ଆଶୁତୋଷ ଶର୍ମା ଯୋଗଦେଇ ଦିକ୍ଷାନ୍ତ ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟ ଆମନ୍ତ୍ରିତ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଚେୟାରମ୍ୟାନ ବୋର୍ଡ ଅଫ୍ ଗଭର୍ଣ୍ଣର ପଙ୍କଜ ରାମଭାଇ ପଟେଲ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ସମାରୋହ ପ୍ରାରମ୍ଭରେ ନିର୍ଦ୍ଦେଶକ ଆରଭି ରାଜକୁମାର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ବିବରଣୀ ପାଠକରିଥିଲେ । ସମାବର୍ତ୍ତନ ସମାରୋହ ଅବସରରେ ସମୁଦାୟ ୩୩୨ଜଣ କୃତୀ ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବା ସହିତ ୩ଜଣ ବିଟେକ୍ ମେକାନିକାଲ ସାଇନ୍ସର ଜାହ୍ନବୀ ଦିବାକର (ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ), ଏମ.ଟେକ୍,ସ୍କୁଲ ଅଫ୍ ଇନଫ୍ରାଷ୍ଟ୍ରକଚରର ଛାତ୍ରୀ ଦେବଲୀନା ମୁଖାର୍ଜୀ (ଡାଇରେକ୍ଟର ସ୍ୱର୍ଣ୍ଣ ପଦକ) ଓ ଏମ୍.ଏସି.ସ୍କୁଲ ଅଫ୍ ବେସିକ୍ସାଇନ୍ସର ଛାତ୍ର ସାୟନ ରାୟ(ଡାଇରେକ୍ଟର ସ୍ୱର୍ଣ୍ଣପଦକ) ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ସେହିପରି ୧୫ଜଣ ଛାତ୍ରଛାତ୍ରୀଙ୍କୁ ଇନଷ୍ଟିଚ୍ୟୁଟ୍ ରୌପ୍ୟ ପଦକରେ ସମ୍ମାନିତ କରାଯାଇଥିଲା । ୭ମ ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଦେବରାଜ ରଥ, ପ୍ରଫେସର ଆ କେ ପଣ୍ଡା, ପ୍ରଫେସର ଭିଆରପେଡି ରେଡ୍ଡି ପ୍ରମୁଖ ଉପସ୍ଥିତ ଥିବା ସମୟରେ ଛାତ୍ରଛାତ୍ରୀଙ୍କର ଅଭିଭାବକ ଅଭିଭାବିକା ଏବଂ ନୂତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ ।